ପ୍ରମେୟ
THE PRAMEYA

04.11.2026

ବିଆଇଆଇଟିଏମ୍ ଭୁବନେଶ୍ୱରର ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର,୩।୧୧(ବ୍ୟୁରୋ):ବିଜୁ ପଟ୍ଟନାୟକ ଇନ୍ଷ୍ଟିଚ୍ୟୁଟ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ଷ୍ଟଡିଜ (ବିଆଇଆଇଟିଏମ୍) ଓଡ଼ିଶାର ଏକମାତ୍ର ସ୍କୁଲ ଭାବେ ପ୍ରତିଷ୍ଠିତ ବିଜନେସ ଟୁଡେ ବେଷ୍ଟ ବି ସ୍କୁଲ ର‍ୟାଙ୍କିଙ୍ଗର 'ବେଷ୍ଟ ଇନ୍ ରିଟର୍ଣ୍ଣ ଅନ୍ ଇନ୍‌ଭେଷ୍ଟମେଣ୍ଟ' ବର୍ଗରେ ସ୍ଥାନ ପାଇଛି। ଅନୁଷ୍ଠାନ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଏହି ଗୌରବ ହାସଲ କରିଛି। ଶିକ୍ଷା ପାଇଁ କରାଯାଉଥିବା ନିବେଶ ତୁଳନାରେ ଛାତ୍ରଛାତ୍ରୀଙ୍କୁ ଉଲ୍ଲେଖନୀୟ ମୂଲ୍ୟ ସୁଫଳ ପ୍ରଦାନ କରୁଥିବା ଅନୁଷ୍ଠାନଗୁଡ଼ିକୁ ଆର୍‌ଓଆଇ ବର୍ଗରେ ସ୍ୱୀକୃତି ପ୍ରଦାନ କରାଯାଇଥାଏ। ଏହି ବର୍ଗରେ ଅନୁଷ୍ଠାନର ପୁନଃ ଉପସ୍ଥିତି ଏହାର ନିରନ୍ତର ଶୈକ୍ଷିକ ମାନ କ୍ୟାରିୟର ସଫଳତାକୁ ପ୍ରମାଣିତ କରୁଛି। ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ୨୭ ବର୍ଷର ଅଭିଜ୍ଞତା ସହ ଶିକ୍ଷାର୍ଥୀ କୈନ୍ଦ୍ରିକ ଆଭିମୁଖ୍ୟ, ଅଭିଜ୍ଞ ଅଧ୍ୟାପକ ମଣ୍ଡଳୀ, ଦୃଢ଼ କର୍ପୋରେଟ ସମ୍ପର୍କ ତଥା ନେତୃତ୍ୱ, ନବସୃଜନ ଓ ନୈତିକ ମୂଲ୍ୟବୋଧ ଉପରେ ଏହା ଗୁରୁତ୍ୱ ଦେଇଥିବା କହିଛି। ଚଳିତ ବର୍ଷ ଅନୁଷ୍ଠାନର ସର୍ବାଧିକ ବାର୍ଷିକ ବେତନ ୧୫.୧୬ ଲକ୍ଷ ଟଙ୍କା ରହିଛି। ବ୍ୟାଙ୍କିଙ୍ଗ, ଫାଇନାନ୍ସ, ଆଇଟି, କନ୍‌ସଲ୍‌ଟିଂ ଏବଂ ଏଫ୍‌ଏମ୍‌ସିଜି ଭଳି କ୍ଷେତ୍ରରେ ଅନୁଷ୍ଠାନର ଛାତ୍ରଛାତ୍ରୀ ନିଯୁକ୍ତି ପାଇଛନ୍ତି।